# ଶିଶୁଖାଦ୍ୟ ସମ୍ବନ୍ଧୀୟ
# ଆଇ.ଏମ୍.ଏସ୍
# ଆଇନ - ୧୯୯୨
# (କଅଣ ନ କରିବା ଉଚିତ)

ବି.ପି.ଏନ୍.ଆଇ

## "ଶିଶୁ ଖାଦ୍ୟ ସମ୍ପର୍କୀୟ ଆଇ.ଏମ୍.ଏସ୍ ଆଇନ (IMS Act) କ'ଣ ଏବଂ ଏହା କେଉଁ ପରିସ୍ଥିତିରେ ଲାଗୁ ହୁଏ ?"

ଶିଶୁ ଖାଦ୍ୟ ସମ୍ପର୍କୀୟ ଆଇ.ଏମ୍.ଏସ. ଆଇନ (IMS Act) କାହିଁକି କରାଯାଇଛି ? ଶିଶୁ ଖାଦ୍ୟ ବିକ୍ରୀ କରୁଥିବା ବିଭିନ୍ନ ବିକ୍ରେତାମାନେ ସେମାନଙ୍କର ତିଆରି କରୁଥିବା ଡବା ଦୁଧ ଏବଂ ଅନ୍ୟାନ୍ୟ ଶିଶୁ ଖାଦ୍ୟ ବଜାରରେ ପ୍ରଚାର ଏବଂ ବିଜ୍ଞାପନ ମାଧ୍ୟମରେ ବିକ୍ରୀ କରିଥାନ୍ତି । ଏହି ପ୍ରଚାର ଏବଂ ବିଜ୍ଞାପନ ଅନେକ ସମୟରେ ବିଭ୍ରାନ୍ତିକର ହୋଇଥାଏ । ଏହାଦ୍ୱାରା ମାତୃ ସ୍ତନ୍ୟପାନର ଉପକାରୀତାକୁ ନିମ୍ନମାନର ଦେଖାଯାଏ ବା ଠିକ୍ ରୂପ ଦିଆଯାଇନଥାଏ । ଫଳରେ ଅକାଳରେ ଶିଶୁ ରୋଗ ଗ୍ରସ୍ତ ଓ ପୁଷ୍ଟିହୀନ ହୋଇ ମୃତ୍ୟୁବରଣ କରିଥାଏ । ଏହି ତଥ୍ୟର ସାରମର୍ମ ଏବଂ ସତ୍ୟତା ଅନୁଭବ କରି ଭାରତ ସରକାର ୧୯୯୨ ମସିହାରେ ଆଇ.ଏମ୍.ଏସ୍. ନିୟମ – Infant Milk Substitutes, Feeding Bottles and Infant Foods (Regulation of Production, Supply and Distribution) ପ୍ରଣୟନ କରିଛନ୍ତି । ଏହାଦ୍ୱାରା ଏ ପ୍ରକାର ଅସଂଗତ ଏବଂ ଭୁଲତଥ୍ୟ ଯୋଗାଇ ବିକ୍ରୀ ବ୍ୟବସାୟ ଉପରେ କଟକଣା ଜାରୀ କରାଯାଇ ପାରିବ ।

ପରିତାପର ବିଷୟ ଏହି ଯେ ନିୟମରେ ବିଭିନ୍ନ ଛିଦ୍ର ବାହାର କରି ଏହି ବିକ୍ରୟକାରୀମାନେ ମାତୃ ସ୍ତନ୍ୟପାନର ଉପକାରୀତାକୁ ନିମ୍ନ କରୁଛନ୍ତି । ଏହାଦ୍ୱାରା ମାଆମାନଙ୍କର ପିଲାଙ୍କୁ କ୍ଷୀର ଖୁଆଇବା ବେଳେ ସନ୍ଦେହ ଜାତ ହେଉଛି ଏବଂ ଘର ତିଆରି ଖାଦ୍ୟର ସୁପ୍ରଭାବ ଉପରେ ଗୁରୁତ୍ୱ ଦିଆଯାଉ ନାହିଁ ।

ବି.ପି.ଏନ୍.ଆଇ.(BPNI - Breast Feeding Promotion Network of India) ଏହି ଆଇ.ଏମ୍.ଏସ୍. ନିୟମର ପରିବର୍ତ୍ତନ (୨୦୦୩)କୁ ବିଶ୍ଳେଷଣ କରି ସରଳ ଧାରାରେ ଲୋକଲୋଚନକୁ ନିୟମଗୁଡ଼ିକୁ ଆଣିବାର ଚେଷ୍ଟା କରିଛି ଏବଂ ଏହା ତଳେ ଦିଆଯାଇ ଅଛି ।

## କ'ଣ ନ କରିବା ଉଚିତ ?

**୧. ବଜାରରେ ବିକ୍ରୀ ହେଉଥିବା ଶିଶୁଖାଦ୍ୟ (Baby Food) ୨ ବର୍ଷ ତଳର ଶିଶୁଙ୍କୁ ଦେବାର ସମସ୍ତ ପ୍ରକାର ପ୍ରୋତ୍ସାହନ ବନ୍ଦ ।**


ପ୍ରୋତ୍ସାହନ ଅର୍ଥ : "ପ୍ରତ୍ୟକ୍ଷରେ ବା ପରୋକ୍ଷରେ, ଖାଦ୍ୟ ପ୍ରସ୍ତୁତ କରୁଥିବା କମ୍ପାନୀମାନେ ଡାକ୍ତରଖାନାରେ, ଡାକ୍ତରଙ୍କ ଦ୍ୱାରା ବା ଏହି ପ୍ରକାର ସ୍ୱାସ୍ଥ୍ୟ ଅନୁଷ୍ଠାନ ମାଧ୍ୟମରେ ଶିଶୁମାନଙ୍କୁ ଖାଇବାକୁ ଉତ୍ସାହିତ କରିବା ।"




ଏହି ନିୟମ ୨ ବର୍ଷର ଶିଶୁମାନଙ୍କୁ କୌଣସି ଡବା ଦୁଧ / ଡବା ଖାଦ୍ୟ (Baby Food) ଇତ୍ୟାଦି ବିଜ୍ଞାପନ ମାଧ୍ୟମରେ ଖାଇବାକୁ ଦେବାକୁ ନାହିଁ କରିଛନ୍ତି ।

**୨. ସମସ୍ତ ପ୍ରକାର ବିଜ୍ଞାପନ**

ବିଜ୍ଞାପନ ସମସ୍ତ ପ୍ରକାର ଶିଶୁଖାଦ୍ୟ ବିକ୍ରୀର ପ୍ରଧାନ ମାଧ୍ୟମ । ଏହା ସାଧାରଣତଃ ଖବର କାଗଜ, ପତ୍ର ପତ୍ରିକା ଜରିଆରେ କରାଯାଏ । ଏହା ସହିତ ମଧ୍ୟ ଗୋଟିଏ ସରଳ "ବୋଲି" ଥାଏ ଯାହାଦ୍ୱାରା ମାଆ ମାନେ ସହଜରେ ଆକୃଷ୍ଟ ହୋଇ ଯାଆନ୍ତି ।




ଏହି IMS ନିୟମ ଖବର କାଗଜ, ପତ୍ରପତ୍ରିକା ଟେଲିଭିଜନ, ଇଣ୍ଟରନେଟ୍, ରେଡ଼ିଓ ଏବଂ ମୋବାଇଲ ଇତ୍ୟାଦି ଦ୍ୱାରା ବିଜ୍ଞାପନକୁ ବିରୋଧ କରେ ।

**୩. ବିନାମୂଲ୍ୟରେ ପରୀକ୍ଷା କରିବା ପାଇଁ ମାଆମାନଙ୍କୁ ଏବଂ ଡାକ୍ତର ଓ ଡାକ୍ତରଖାନା କର୍ମଚାରୀମାନଙ୍କୁ ଶିଶୁ ଖାଦ୍ୟ ଯୋଗାଇବା (Free Samples)**

ମାଆମାନଙ୍କୁ ପ୍ରଭାବିତ କରିବାର ଅନ୍ୟ ଏକ ଉପାୟ ହେଲା ବିନା ମୂଲ୍ୟରେ ଶିଶୁଖାଦ୍ୟ (Baby Food) ପ୍ରଥମ ବା ୨ୟ ଥର ଯୋଗାଇ ଦେବା । ବେଳେବେଳେ ଏହା ସହିତ ସାବୁନ, ତେଲ, ଗିନା, ଚାମୁଚ ଏବଂ ବୋତଲ ଇତ୍ୟାଦି ମଧ୍ୟ ଉପହାର ମାଧ୍ୟମରେ ଦିଆଯାଇଥାଏ । ଏହି ପ୍ରକାର ପ୍ରୋତ୍ସାହନ ସ୍ତନ୍ୟପାନର ପ୍ରତିବନ୍ଧକ ହୋଇଥାଏ ଏବଂ ଗ୍ରାହକ ଦ୍ୱିଗୁଣିତ କରିବାରେ ସାହାଯ୍ୟ କରିଥାଏ ।

ଆଇ.ଏମ୍.ଏସ୍. ଏ ପ୍ରକାର ପ୍ରୋସାହନ, ପ୍ରଲୋଭନ ଡାକ୍ତରଖାନାର ଡାକ୍ତର, ସମସ୍ତ କର୍ମଚାରୀ, ପ୍ରସୂତୀ ଏବଂ ଗର୍ଭବତୀ ମହିଳାମାନଙ୍କୁ ଦେବା ପାଇଁ ପ୍ରତିରୋଧ କରେ।





**୪. ଡାକ୍ତରୀ ଶିକ୍ଷା ସମ୍ବନ୍ଧୀୟ ପତ୍ରପତ୍ରିକା, ପୁସ୍ତକ ଏବଂ ଯନ୍ତ୍ରପାତି ବା ଶିଶୁଖାଦ୍ୟ (Baby Food)।**




ଶିଶୁଖାଦ୍ୟ ତିଆରି କରୁଥିବା ଉଦ୍ୟୋଗଗୁଡ଼ିକ ଏ ସମ୍ବନ୍ଧୀୟ ତଥ୍ୟ ସାଧାରଣତଃ ଠିକ୍ ଭାବରେ ପ୍ରକାଶ କରିନଥାନ୍ତି। ଏହା ଅନେକ ସମୟରେ ଦ୍ୱନ୍ଦର କାରଣ ହୋଇଥାଏ, ଯାହାକି ସ୍ତନ୍ୟପାନର ଗୁଣବତ୍ତା ବିଷୟରେ ସନ୍ଦେହ ଜାତ କରିଥାଏ। ଆଇ.ଏମ୍.ଏସ୍ ନିୟମ ଡାକ୍ତରୀ ଅନୁଷ୍ଠାନକୁ ଏ ଶିଶୁଖାଦ୍ୟ ବା ଯନ୍ତ୍ରପାତି ଦାନ ଏବଂ ବଣ୍ଟନ ପ୍ରତିରୋଧ କରେ।


**୫. ଶିଶୁଖାଦ୍ୟ ଡବା ଉପରେ ମାଆ ଏବଂ ଶିଶୁର ଛବି।**




ଶିଶୁଖାଦ୍ୟ ତିଆରି କରୁଥିବା ଉଦ୍ୟୋଗଗୁଡ଼ିକ ଡବା ଉପରେ ରଙ୍ଗ ବେରଙ୍ଗ ମାଆ, ଛୁଆ, ଚଢ଼େଇ ଏବଂ ଅନ୍ୟାନ୍ୟ ନମୁନା ଦେଇଥାନ୍ତି। ଏହି ଛବିଗୁଡ଼ିକ ବହୁତ ଆକର୍ଷଣୀୟ ହୋଇଥାଏ ଏବଂ ମାଆ ମାନଙ୍କ ମନରେ ଉତ୍କର୍ଷତାର ଛାପ ପକାଇଥାଏ। ଏହା ମଧ୍ୟ ମାଆମାନଙ୍କୁ ପ୍ରକୃତ ତଥ୍ୟ ଯୋଗାଇବାରେ ସାହାଯ୍ୟ କରି ନଥାଏ। ପ୍ରକୃତ ତଥ୍ୟ ଲେଖା ଭିତରୁ, ଖୋଜି ବାହାର କରିବାରେ ଅସୁବିଧା ହୋଇଥାଏ।

ଆଇ.ଏମ୍.ଏସ୍. ନିୟମ ଏ ପ୍ରକାର ମାଆଛୁଆଙ୍କ ଛବି ବା ତତ୍ ସମ୍ବନ୍ଧୀୟ ଚିତ୍ର

## ୬. ଡାକ୍ତରଖାନା ପରିସରରେ ପ୍ରଦର୍ଶନୀ ବା ପ୍ରୋତ୍ସାହନ ମୂଳକ କାର୍ଯ୍ୟ କରିବା



ଦେଖାଯାଏ ଯେ ଶିଶୁଖାଦ୍ୟ ତିଆରି କରୁଥିବା ଉଦ୍ୟୋଗଗୁଡ଼ିକ ମାଆ ସହିତ ସଂପର୍କ ସ୍ଥାପନ ପାଇଁ ବିଭିନ୍ନ ପ୍ରକାରର ଉପାୟ ଅବଲମ୍ବନ କରିଥାନ୍ତି। ଡାକ୍ତରଖାନାରେ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ଶିକ୍ଷା ସମ୍ବନ୍ଧୀୟ ଲେଖା ନେଇ ଏହା ଡାକ୍ତରଙ୍କ ଉପଦେଶ ଭଳି ବଣ୍ଟନ କରନ୍ତି ଏବଂ ଡାକ୍ତରମାନଙ୍କୁ ମଧ୍ୟ ପ୍ରଭାବିତ କରିଥାନ୍ତି। ଏହି ଶିଳ୍ପାନୁଷ୍ଠାନଗୁଡ଼ିକ ମଧ୍ୟ ଡାକ୍ତରମାନଙ୍କୁ ଗବେଷଣା, ଶିକ୍ଷାଗତ ସମ୍ମିଳନୀରେ ଯୋଗଦେବା ବା କୌଣସି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଜ୍ଞାପନ ପ୍ରଦର୍ଶନ କରିବାରେ ଆଗେଇ ଆସିଥାନ୍ତି। ଏ ସବୁ ମଧ୍ୟ ଔଷଧ ଦୋକାନ ଜରିଆରେ ଆସିଥାଏ।

### ଆଇ.ଏମ୍.ଏସ୍. ନିୟମ ଅନୁସାରେ ଡାକ୍ତରଖାନା ଓ ଔଷଧ ଦୋକାନ ଆଦିରେ:

ଶିଶୁଖାଦ୍ୟ ସମ୍ବନ୍ଧୀୟ ଫଳକ ଲଗାଇବା, ପ୍ରଦର୍ଶନ କରିବା ମନା।

ଆଉମଧ୍ୟ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଉପହାର ଦେବାମନା ଓ କର୍ମଶାଳା, ସଭା ସମିତି, ଶିକ୍ଷାଗତ ଉପାଦେୟ ପୁସ୍ତକ ବା ପୁସ୍ତିକା ଓ ଗବେଷଣା ସମ୍ବନ୍ଧୀୟ କାମକୁ ପ୍ରୋତ୍ସାହନ ଦେବା ମନା କରାଯାଇଛି।

## ୭. ବିକ୍ରୀ ପାଇଁ ପ୍ରୋତ୍ସାହନ:

ଶିଶୁଖାଦ୍ୟ ବିକ୍ରୟ କରୁଥିବା ବ୍ୟକ୍ତି ବିଶେଷ ବା ଦୋକାନୀମାନଙ୍କୁ ବିକ୍ରୀ ପାଇଁ ପ୍ରୋତ୍ସାହନ: ଅନେକ ସମୟରେ ଉପରୋକ୍ତ ଅନୁଷ୍ଠାନଗୁଡ଼ିକ ଡାକ୍ତର କର୍ମୀ ମାନଙ୍କୁ ଅଧିକ ଶିଶୁ ଖାଦ୍ୟ ବିକ୍ରୀ ପାଇଁ ବିଭିନ୍ନ ଉପାୟରେ ପ୍ରୋତ୍ସାହନ ଦେଇଥାନ୍ତି ଏବଂ ବିକ୍ରୀ କରିବା ପରିମାଣ ନିର୍ଦ୍ଧାରଣ କରିଥାନ୍ତି। ଏହି ନିର୍ଦ୍ଦିଷ୍ଟ ପରିମାଣ ବିକ୍ରୀ ହେଲେ ସେମାନେ ଅଧିକ ପ୍ରୋତ୍ସାହନ ପାଆନ୍ତି।



ଆଇ.ଏମ୍.ଏସ୍. ନିୟମ ଏହାକୁ ବିରୋଧ କରେ ।

## ଏ ବିଗରେ କାମ ଆରମ୍ଭ କରିବାର କିଛିଟା ଚିନ୍ତାଧାରା

ଶିଶୁଖାଦ୍ୟ ପ୍ରସ୍ତୁତ କରୁଥିବା ଉଦ୍ୟୋଗୀମାନଙ୍କର କାମ ଉପରେ ନଜର ରଖିବା:

ଆଇ.ଏମ୍.ଏସ୍. ନିୟମ ଭଙ୍ଗ କରୁଥିବା ସଂସ୍ଥାଗୁଡ଼ିକ ବିଷୟରେ ନିଜ ଅଞ୍ଚଳର ଲୋକ ପ୍ରତିନିଧିମାନଙ୍କୁ ସ୍ତ୍ରୀ ଏବଂ ଶିଶୁ କଲ୍ୟାଣ ବିଭାଗୀୟ ରାଜ୍ୟ ଓ କେନ୍ଦ୍ର ମନ୍ତ୍ରୀଙ୍କୁ ଅବଗତ କରନ୍ତୁ ।

କେବୁଲ ଟି.ଭି. ଯଦି ଏଭଳି ନିୟମ ଭଙ୍ଗ କରେ ନିଜ ଅଞ୍ଚଳର ଜିଲ୍ଲାପାଳଙ୍କୁ ଅବଗତ କରାନ୍ତୁ ।

ଓ ଏହି ଉଦ୍ୟୋଗୀମାନଙ୍କୁ ପାଖୁ ସେମାନେ ନିୟମ ବହିର୍ଭୂତ କାମ କରୁଛନ୍ତି ବୋଲି ଲେଖନ୍ତୁ ।

## କେନ୍ଦ୍ରସ୍ତରୀୟ :

ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ବିଭାଗ, ଭାରତ ସରକାର
ନିର୍ମାଣ ଭବନ, ନୂଆ ଦିଲ୍ଲୀ - ୧୧୦୦୦୧

## ଲେଖିବା ଠିକଣା :

ମନ୍ତ୍ରୀ : ମହିଳା ଓ ଶିଶୁ କଲ୍ୟାଣ ବିଭାଗ,
ଭାରତ ସରକାର ଏ ଉଇଙ୍ଗ, ଶାସ୍ତ୍ରୀ ଭବନ,
ନୂଆଦିଲ୍ଲୀ - ୧୧୦୦୦୧

## ରାଜ୍ୟସ୍ତରୀୟ :

୧. ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ
୨. ସଚିବ, ରାଜ୍ୟ ମହିଳା ଓ ଶିଶୁ ବିକାଶ ପରିଷଦ
୩. ମାନ୍ୟବର ବିଧାନ ସଭା ଓ ଲୋକସଭା ସଦସ୍ୟ
୪. ଜିଲ୍ଲାପାଳ
୫. ସବ୍ ଡିଭିଜନ ମାଜିଷ୍ଟ୍ରେଟ୍
୬. ପୋଲିସ କମିଶନର

**(ଏହି ପୁସ୍ତିକା କେବଳ ଏକ ସଂକ୍ଷେପ ଜ୍ଞାନ ପାଇଁ ଉଦ୍ଦିଷ୍ଟ ଆଇନ ପାଇଁ ନୁହେଁ)**